# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**8 April - 2026**

**************************************

## ମୁଖ୍ୟ ସମ୍ବାଦ

- ଖରିଫ ଋତୁ ୨୦୨୬ ପାଇଁ ଫସଫେଟିକ୍ ଓ ପୋଟାସିକ୍ ସାର ଉପରେ ପୁଷ୍ଟିକର ଭିତ୍ତିକ ରିହାତି ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ ।
- ଦେଶବ୍ୟାପୀ ଆସନ୍ତାକାଲିଠାରୁ ଆରମ୍ଭ ହେବ ପୋଷଣ ପକ୍ଷର ଅଷ୍ଟମ ସଂସ୍କରଣ ।
- ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ପ୍ରକ୍ରିୟାର ଅନୁଧ୍ୟାନ କଲେ ଗଜପତି ମହାରାଜ ।

ଏବଂ

- କାଳବୈଶାଖୀ ପ୍ରଭାବରେ ରାଜ୍ୟର ସବୁ ଜିଲ୍ଲାରେ ଝଡ଼ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ରର ଅନୁମାନ ।

## କ୍ୟାବିନେଟ୍-ସାର

ଖରିଫ ଋତୁ ୨୦୨୬ ପାଇଁ ଫସଫେଟିକ୍ ଓ ପୋଟାସିକ୍ ସାର ଉପରେ ପୁଷ୍ଟିକରଭିତ୍ତିକ ରିହାତି-ଏନ୍‌ବିଏସ୍ ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ

ମଞ୍ଜୁରୀ ମିଳିଛି । ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏଥିପାଇଁ ଆନୁମାନିକ ପ୍ରାୟ ୪୧ହଜାର ୫୦୦ କୋଟି ଟଙ୍କା ବ୍ୟୟ ହେବ, ଯାହା ଖରିଫ ଋତୁ ୨୦୨୫ ବ୍ୟୟ ଅଟକଳଠାରୁ ପ୍ରାୟ ୪ହଜାର ୩୧୭ କୋଟି ଟଙ୍କା ଅଧିକ । ଖରିଫ ଋତୁ ୨୦୨୫ ପାଇଁ ୩୭ହଜାର ୨୧୬ କୋଟି ଟଙ୍କା ବ୍ୟୟ ଅଟକଳ ଥିଲା ।  ଶ୍ରୀ ବୈଷ୍ଣବ କହିଛନ୍ତି କୃଷକମାନଙ୍କୁ ରିହାତି, ସମୟୋଚିତ ତଥା ଉଚିତ୍ ମୂଲ୍ୟରେ ସାର ଯୋଗାଣକୁ ସୁନିଶ୍ଚିତ କରିବା ଲାଗି ସରକାର ଏହି ପଦକ୍ଷେପ ନେଇଛନ୍ତି...

**- V/O –**

## ପୋଷଣପକ୍ଷ ଆରମ୍ଭ

କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତାକାଲିଠାରୁ ଦେଶବ୍ୟାପୀ ପୋଷଣପକ୍ଷର ଅଷ୍ଟମ ସଂସ୍କରଣ ଆରମ୍ଭ କରାଯିବ । ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଏବଂ ମହିଳା ଓ ଶିଶୁବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ଉପସ୍ଥିତ ରହି ପୋଷଣ ପଖୱାଡା ୨୦୨୬ର ଶୁଭାରମ୍ଭ କରିବେ । ଏହି ଅଭିଯାନ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ ।

ପୋଷଣର ଗୁରୁତ୍ୱ ଉପରେ ପ୍ରାଧାନ୍ୟ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସୁସ୍ଥ ଶିଶୁ ହେଉଛି ସୁଦୃଢ଼ ରାଷ୍ଟ୍ରର ମୂଳଦୁଆ । ପ୍ରତ୍ୟେକ ମାଆ ଓ ଶିଶୁ ପାଇଁ ପୋଷକ ତତ୍ତ୍ୱଯୁକ୍ତ ଖାଦ୍ୟ ପ୍ରଦାନ ସୁନିଶ୍ଚିତ କରିବା ଏହି

ଅଭିଯାନର ମୂଳଲକ୍ଷ୍ୟ । 'ଜନ୍ମରୁ ପ୍ରଥମ ୬ ବର୍ଷ ମଧ୍ୟରେ ସର୍ବାଧିକ ମସ୍ତିଷ୍କ ବିକାଶକୁ ଗୁରୁତ୍ୱ ଦେବା' ଚଳିତବର୍ଷ ପୋଷଣ ପଖୱାଡାର ବିଷୟବସ୍ତୁ ରହିଛି । ପ୍ରାରମ୍ଭିକ ଶୈଶବ ବିଶେଷକରି ପ୍ରଥମ ଏକହଜାର ଦିନ ମଧ୍ୟରେ ମସ୍ତିଷ୍କର ବିକାଶ, ଶାରିରୀକ ବୃଦ୍ଧି ଏବଂ ସାମଗ୍ରିକ ସୁସ୍ଥତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବୈଜ୍ଞାନିକ ପ୍ରମାଣ ସୂଚିତ କରିଥାଏ, ୮୫ ପ୍ରତିଶତରୁ ଅଧିକ ମସ୍ତିଷ୍କର ବିକାଶ ଜନ୍ମରୁ ୬ ବର୍ଷ ମଧ୍ୟରେ ହୋଇଥାଏ । ପୋଷଣ ଅଭିଯାନରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଅଙ୍ଗନବାଡି କେନ୍ଦ୍ରଗୁଡ଼ିକରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ । କେନ୍ଦ୍ର ସରକାରଙ୍କ ପ୍ରମୁଖ ମିଶନ ପୋଷଣ ଅଭିଯାନ ଦେଶବ୍ୟାପୀ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି । କୁ-ପୋଷଣମୁକ୍ତ ଭାରତ ଗଠନ ଦିଗରେ ସାମୁହିକ ଅଂଶଗ୍ରହଣ ଓ ଜନଭାଗିଦାରୀକୁ ଏହା ପ୍ରୋତ୍ସାହିତ କରୁଛି । ତୃଣମୂଳସ୍ତରରେ ସଚେତନତା ଓ ଜନସମୁଦାୟର ଅଂଶଗ୍ରହଣ ଏହି ଅଭିଯାନର ପ୍ରମୁଖ ସ୍ତମ୍ଭ ପାଲଟିଛି ।

## ମୁଖ୍ୟମନ୍ତ୍ରୀ-ଶିଳାନ୍ୟାସ

ଓଡ଼ିଶାକୁ ପୂର୍ବ ଭାରତର ନିର୍ମାଣର କେନ୍ଦ୍ରସ୍ଥଳୀ କରିବା ପାଇଁ ସରକାର ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଖୋର୍ଦ୍ଧା ଜିଲ୍ଲା ଭୂଇଁପୁରଠାରେ ୪୦ହଜାର ୮୧୧କୋଟି ଟଙ୍କାର ୩୬ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାକୁ

ଶିଳ୍ପସମୃଦ୍ଧ କରି ଆତ୍ମନିର୍ଭରଭାରତର ଏକ ଶକ୍ତିଶାଳୀ ସ୍ତମ୍ଭ ଭାବେ ସରକାର ଗଢ଼ି ତୋଳିବା ଦିଗରେ ଉଦ୍ୟମ ଜାରି ରଖିଛନ୍ତି ।

ଅଟଳ ଏକ୍ସପ୍ରେସ୍ ୱେ, ନମୋ ଏକ୍ସପ୍ରେସ୍ ୱେ ଏବଂ କ୍ୟାପାଟିଲ ରିଜିଅନ ରିଂରୋଡ଼ ଭଳି ମେଗା ପ୍ରକଳ୍ପ ରାଜ୍ୟର ଅର୍ଥନୀତିକୁ ବିଶ୍ୱସ୍ତରୀୟ କରିବ। ପ୍ରକଳ୍ପ ଗୁଡ଼ିକ ମାଧ୍ୟମରେ ରାଜ୍ୟର ଯୁବଗୋଷ୍ଠୀଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି । ଓଡ଼ିଶା ବର୍ତ୍ତମାନ ଦ୍ୱିତୀୟ ଶିଳ୍ପ ବିପ୍ଳବର ସମୟ ଦେଇ ଗତି କରୁଛି ଏବଂ ଆଗାମୀ ଦଶନ୍ଧି ଯୁବପୀଢ଼ିକଙ୍କ ପାଇଁ ଏକ ସୁବର୍ଣ୍ଣ ଯୁଗ ସାଜିବ ବୋଲି ଶ୍ରୀ ମାଝୀ କହିଛନ୍ତି । ଯୁବଶକ୍ତି ହେଉଛନ୍ତି ରାଜ୍ୟର ଭବିଷ୍ୟତ ଓ ସବୁଠୁ ବଡ ସମ୍ବଳ । ନୂତନ ଶିଳ୍ପାୟନ ମାଧ୍ୟମରେ ରୋଜଗାର ସୃଷ୍ଟି କରି ଏକ ଆତ୍ମନିର୍ଭର ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ଆସନ୍ତା ୨୦୩୬ ମସିହା ସୁଦ୍ଧା ଏକ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ସମସ୍ତଙ୍କୁ ଏକତ୍ର କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । କାର୍ଯ୍ୟକ୍ରମ ଆରମ୍ଭରେ ମୁଖ୍ୟମନ୍ତ୍ରୀ ଦେଶର ବିଭିନ୍ନ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଶିଳ୍ପପତିମାନଙ୍କ ସହିତ ଏକ ସ୍ୱତନ୍ତ୍ର ଗୋଲଟେବୁଲ ବୈଠକରେ ଯୋଗଦେଇ ରାଜ୍ୟରେ ଆରମ୍ଭ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ବିଷୟରେ ଆଲୋଚନା କରିଥିଲେ । ଓଡ଼ିଶା ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇବାକୁ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଶିଳ୍ପ ଅନୁଷ୍ଠାନ ଦ୍ୱାରା

ଆୟୋଜିତ ପ୍ରକଳ୍ପ ଗୁଡ଼ିକର ପ୍ରଦର୍ଶନୀ ବୁଲି ଦେଖିବା ସହିତ କମ୍ପାନୀର କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ । ଶିଳ୍ପ ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ଗ୍ରୀନ୍ ଏନର୍ଜି ଉପକରଣ, ଧାତୁ ଏବଂ ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ, ବୟନ ଏବଂ ପୋଷାକ ଶିଳ୍ପ, ପ୍ଲାଷ୍ଟିକ, ପର୍ଯ୍ୟଟନ, କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ, ପ୍ରତିରକ୍ଷା ଉତ୍ପାଦନ, ଆଇଟି, ଅଟୋମୋବାଇଲ, ସିମେଣ୍ଟ ଶିଳ୍ପ ଆଦି ବିଭିନ୍ନ ଜିଲ୍ଲାରେ ଆରମ୍ଭ ହେବାକୁ ଯାଉଛି, ଯାହା ରାଜ୍ୟର ଅର୍ଥନୀତିରେ ଦ୍ରୁତ ବିକାଶ ଘଟାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ରତ୍ନଭଣ୍ଡାର

**ପୁରୀ** ଶ୍ରୀମନ୍ଦିରର ବାହାର ରତ୍ନଭଣ୍ଡାରରେ ଥିବା ଅଳଙ୍କାରର ଗଣତି-ମଣତି ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି। ଆସନ୍ତା ଶନିବାର ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଗଣତି-ମଣତି ପ୍ରକ୍ରିୟା ଚାଲୁ ରହିବ। ୧୩ ତାରିଖ ସୋମବାର ଏବଂ ୧୬ ତାରିଖରୁ ୧୮ ତାରିଖ ଯାଏଁ ଗଣତି-ମଣତି କାର୍ଯ୍ୟ କରାଯିବ। ଶ୍ରୀଜୀଉଙ୍କ ବାହାର ରତ୍ନଭଣ୍ଡାରରେ ଅନେକ ଦୁର୍ଲଭ ରତ୍ନ ଅଳଙ୍କାର ଥିବାରୁ ସ୍ୱଚ୍ଛତାର ସହିତ ଗଣତି-ମଣତି କରିବା ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଉଛି ।

ରତ୍ନଭଣ୍ଡାର ଗଣତି ମଣତି ଜାରି ରହିଥିବାବେଳେ ଆଜି ଅପରାହ୍ଣରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ସ୍ଥିତି ଅନୁଧ୍ୟାନ କରିଥିଲେ । ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଗଜପତି ମହାରାଜ କହିଛନ୍ତି...

- V/O –

# ରକ୍ତଦାନ ଶିବିର

ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିନରେ ଆଜି ରାଜ୍ୟର ଜିଲ୍ଲା ସଦରମହକୁମାରେ ଥିବା ମହାବିଦ୍ୟାଳୟ ଏବଂ ସମସ୍ତ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ଓ ଏହା ଅଧୀନରେ ଥିବା ରକ୍ତଭଣ୍ଡାର ଗୁଡ଼ିକରେ ରକ୍ତଦାନ ଶିବିରମାନ ହୋଇଯାଇଛି ।

ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ୫୨ୟୁନିଟ୍‌ରୁ ଅଧିକ ରକ୍ତ ସଂଗ୍ରହ କରାଯାଇଛି । ଜିଲ୍ଲା ସ୍ୱାସ୍ଥ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୁଷ୍ପା ନୀଳିମା ଲାକ୍ରାଙ୍କ ପରିଚାଳନରେ ଜିଲ୍ଲାପାଳ ମଧୁମିତା ରଥ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ ।

ରାୟଗଡା ଜିଲ୍ଲା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁବ ରେଡକ୍ରସ, ଏନ୍‌ସିସି, ଜାତୀୟ ସେବା ଯୋଜନା ଶାଖାର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଶିବିରରେ ମୋଟ୍ ୨୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

ନବରଙ୍ଗପୁର ମହାବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ବିଧାୟକ ତଥା ଜିଲ୍ଲା ଯୋଜନାବୋର୍ଡ ଅଧ୍ୟକ୍ଷ

ଗୌରୀଶଙ୍କର ମାଝୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଶିବିରରେ ମୋଟ୍ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଏଫ୍ଏଲ୍‌ସି ହଲ୍‌ଠାରେ ଆୟୋଜିତ ରକ୍ତଦାନ ଶିବିରକୁ ବିଧାୟକ ନରସିଂହ ମାଡକାମି ଏବଂ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍‌କେ ଶୁଭାରମ୍ଭ କରିଥିଲେ । ରକ୍ତଦାନ ଶିବିର ମାଧ୍ୟମରେ ଜରୁରୀକାଳୀନ ସମୟରେ ରକ୍ତର ଅଭାବ ଦୂର କରିବା ମୁଖ୍ୟ ଲକ୍ଷ୍ୟ ବୋଲି ଜିଲ୍ଲାପାଳ କହିଥିଲେ ।

ବୌଦ୍ଧ ଜିଲ୍ଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।

## ଉଚ୍ଚସ୍ତରୀୟ ବୈଠକ

ପ୍ରଶାସନିକ ପ୍ରଶିକ୍ଷଣ ଏବଂ ସମୀକ୍ଷା କାର୍ଯ୍ୟକ୍ରମର ଅଂଶସ୍ୱରୂପ ଭାରତୀୟ ପ୍ରଶାସନିକ ସେବାର ପ୍ରୋବେସନାରୀ ଅଧିକାରୀମାନେ ଆଜି ଗୃହ ଓ ନଗରଉନ୍ନୟନ ବିଭାଗ ଅଧୀନରେ ଆୟୋଜିତ ଏକ କ୍ଷେତ୍ର ପରିଦର୍ଶନ ଏବଂ ଉଚ୍ଚସ୍ତରୀୟ ବୈଠକରେ ଯୋଗ ଦେଇଥିଲେ । ଏହି ଅବସରରେ ଅଧିକାରୀମାନେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଅଧିବେଶନ ଜରିଆରେ ଅଧିକାରୀମାନେ ସହରାଞ୍ଚଳ ସେବା ପ୍ରଦାନ କ୍ଷେତ୍ରରେ ନୀତି ନିର୍ଦ୍ଧାରଣ ଏବଂ କାର୍ଯ୍ୟକାରୀତା ସମ୍ପର୍କରେ ଜ୍ଞାନ ଆହରଣ

କରିଥିଲେ । ମତବିନିମୟ କାର୍ଯ୍ୟକ୍ରମ, ପ୍ରଶାସନିକ ସମନ୍ୱୟ, କାର୍ଯ୍ୟକ୍ରମର ରୂପାୟନ ଏବଂ ସହରାଞ୍ଚଳ ବିକାଶ କ୍ଷେତ୍ରରେ ଦେଖାଦେଉଥିବା ଆହ୍ୱାନ ଗୁଡ଼ିକର ବୁଝିବାରେ ସହାୟକ ହୋଇଥିବା ନେଇ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ ।

## ନିଃଶୁଳ୍କ କୋଚିଂ

ଶିକ୍ଷିତ ଯୁବକଯୁବତୀମାନଙ୍କୁ ସଶକ୍ତ କରି ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ନୂଆପଡା ଜିଲ୍ଲା ପ୍ରଶାସନ ପକ୍ଷରୁ ନିଃଶୁଳ୍କ କୋଚିଂ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । କେନ୍ଦ୍ରୀୟ ଲୋକସେବା ଆୟୋଗ - ୟୁପିଏସ୍‌ସି ଏବଂ ଓଡ଼ିଶା ଲୋକସେବା ଆୟୋଗ - ଓପିଏସ୍‌ସି ଭଳି ବିଭିନ୍ନ ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ପ୍ରାର୍ଥୀମାନଙ୍କ ପାଇଁ ଏଭଳି ବ୍ୟବସ୍ଥା କରାଯାଇଛି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମଧୁସୂଦନ ଦାସ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ୩୦ରୁ ଅଧିକ ଯୁବକଯୁବତୀ କୋଚିଂ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଜଣାପଡିଛି । ଏହି ଅବସରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ ସିଂହ ଭାରତୀୟ ପୋଲିସ ସେବା ଯାତ୍ରା ସମ୍ପର୍କରେ ନିଜର ମତ ରଖିଥିଲେ । ଏହି ପରିପ୍ରେକ୍ଷୀରେ ପ୍ରାର୍ଥୀମାନଙ୍କ ପାଇଁ ଏକ ମକ୍ ଟେଷ୍ଟର ମଧ୍ୟ ଆୟୋଜନ କରାଯାଇଥିଲା ।

## ଗୃହଗଣନା

ନୟାଗଡ ଜିଲ୍ଲା ନୂଆଗାଁ ବ୍ଲକ ସଦର ମହକୁମାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ୩ଦିନ ଧରି ଚାଲିଥିବା ଜନଗଣନା

କାର୍ଯ୍ୟକ୍ରମର ଗୃହଗଣନା ପାଇଁ ଉଦ୍ଦିଷ୍ଟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ୨୩୧ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ସେମାନେ ଚଳିତମାସ ୧୬ତାରିଖରୁ ଘରକୁ ଘର ବୁଲି ଜନଗଣନା କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଗୃହଗଣନା ସଂକ୍ରାନ୍ତରେ ତଥ୍ୟ ସଂଗ୍ରହ କରିବେ ।

## ସଚେତନତା ଶିବିର

ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ମହୁପଦର ଗ୍ରାମପଞ୍ଚାୟତରେ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସ୍ୱତନ୍ତ୍ର ମେଗା ସ୍ୱାସ୍ଥ୍ୟ ଓ ପୋଷଣ ସଚେତନତା ଶିବିର ଆୟୋଜିତ ହୋଇଯାଇଛି । ମହୁପଦର, କମାରପାଲୀ, ସାଲିମି, ତେମୁରୁପାଲୀ ଆଦି ଦୁର୍ଗମ ଅଞ୍ଚଳରୁ ଆସିଥିବା ଶତାଧିକ ଗର୍ଭବତୀ, ଶିଶୁ, ଯକ୍ଷ୍ମା ରୋଗୀମାନେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ।

## ଗ୍ରୀଷ୍ମପ୍ରବାହ ମୁକାବିଲା

ବୌଦ୍ଧ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ବିଭୁତିଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ପାନୀୟଜଳ ଯୋଗାଣ, ଅଂଶୁଘାତ ମୁକାବିଲା ସହିତ ସମସ୍ତ ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଓଆର୍‌ଏସ୍ ମହଜୁଦ ରଖିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ପାଣିପାଗ

କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଆଗାମୀ ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ଝଡ଼ବର୍ଷା ହେବାର ସମ୍ଭାବନା ଥିବାନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ଚଳିତ ବର୍ଷ ମୌସୁମୀ ଋତୁରେ ଦେଶରେ ସ୍ୱାଭାବିକ ବର୍ଷା ହେବ ବୋଲି ବିଭିନ୍ନ ଅନ୍ତର୍ଜାତୀୟ ପାଣିପାଗ ସଂସ୍ଥାମାନେ ଦୀର୍ଘକାଳୀନ ଆକଳନ କରିଛନ୍ତି। ମୌସୁମୀ ମଇ ମାସ ୩୧ ତାରିଖରୁ ଜୁନ୍ ମାସ ୨ ତାରିଖ ମଧ୍ୟରେ କେରଳ ଛୁଇଁବ ଏବଂ ଜୁନ୍ ୧୦ ତାରିଖଠାରୁ ୧୫ ତାରିଖ ମଧ୍ୟରେ ଓଡ଼ିଶା ଛୁଇଁବା ନେଇ ପାଣିପାଗ ସଂସ୍ଥାମାନେ ଅନୁମାନ କରିଛନ୍ତି। ରାଜ୍ୟରେ ଚଳିତବର୍ଷ ସ୍ୱାଭାବିକ ବର୍ଷା ହେବ ବୋଲି ଆକଳନ କରାଯାଇଛି।